ଧରିତ୍ରୀ
DHARITRI
ବୁଧବାର, ୧୫ ଡିସେମ୍ବର, ୨୦୨୧

## ସାଇ ମନ୍ଦିରର ବାର୍ଷିକ ଉତ୍ସବ

ବଇଣ୍ଡା,(ଡି.ଏନ.ଏ.): ବଇଣ୍ଡାସ୍ଥିତ ସାଇ ମନ୍ଦିରର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା, ସୂର୍ଯ୍ୟ ପୂଜା ପରେ ନୀତି ଅନୁସାରେ ପୂଜା କରାଯାଇଥିଲା। ସଞ୍ଜୟ ପ୍ରଧାନ, ଜୟନ୍ତୀ ପ୍ରଧାନ ଯଜ୍ଞରେ କର୍ତ୍ତା ଭାବେ ଯୋଗଦେଇଥିଲେ। ରାଜେଶ ମିଶ୍ର, ମଦନମୋହନ ମିଶ୍ର, ଜଗତମୋହନ ମିଶ୍ର, ମନ୍ଦିର କମିଟିର ତପନ ସାହୁ, ସୁନୀତା ସାହୁ, ପିଙ୍କୁ ମହାପାତ୍ର, ରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ସଂକ୍ଷେପରେ

### ପୋଡ଼ିଗଲେ ମହିଳା

କାମାକ୍ଷାନଗର, ୧୪।୧୨(ଡି.ଏନ.ଏ.): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ରୋଡଙ୍ଗ ଗ୍ରାମରେ ମଙ୍ଗଳବାର ରୋଷେଇ କରୁଥିବା ବେଳେ ଗ୍ୟାସ୍ ନିଆଁରେ ପୋଡ଼ିହୋଇ ବିଳାସିନୀ ସିଂ (୨୪) ନାମକ ଜଣେ ମହିଳା ଗୁରୁତର ହୋଇଛନ୍ତି। ପରିବାର ଲୋକ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ରୋକାଗଲା ବାଲ୍ୟବିବାହ

ଢେଙ୍କାନାଳ ଅଫିସ, ୧୪।୧୨:ଢେଙ୍କାନାଳ ଜିଲା ଗଁଦିଆ ଥାନା ବରଦା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରୁଣିଭାଟି ଗ୍ରାମରେ ମଙ୍ଗଳବାର ପୋଲିସ ସହାୟତାରେ ଚାଇଲ୍ଡ ଲାଇନ ଏକ ବାଲ୍ୟ ବିବାହ ରୋକିଛି। ବିବାହ କରୁଥିବା ବଧୂ ଜଣେ ନାବାଳିକା ବୋଲି ଜଣାପଡ଼ିବା ପରେ ଚଢ଼ାଉ କରାଯାଇଥିଲା। ଅଧିକାରୀମାନେ ଉଭୟ ବର ଏବଂ କନ୍ୟା ପକ୍ଷଙ୍କୁ ବୁଝାଇ ସଚେତନ କରାଇଥିଲେ। ୧୮ ବର୍ଷ ପୂର୍ବରୁ ଝିଅକୁ ବିବାହ କରାଇବେ ନାହିଁ ବୋଲି ଲିଖିତ ଭାବେ ଦେବା ପରେ ଝିଅକୁ ପରିବାର ଜିମା ଦିଆଯାଇଥିବା ଚାଇଲ୍ଡ ଲାଇନ୍ ପକ୍ଷରୁ କୁହାଯାଇଛି।

### ନବାଗତଙ୍କୁ ସ୍ୱାଗତ

ଢେଙ୍କାନାଳ ଅଫିସ, ୧୪।୧୨: ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧକ୍ଷ ଧରଣୀଧର ବାରିକ ସଭାପତିତ୍ୱ କରି ଭଲ ପାଠପଢ଼ି ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଅଧାପକ ଅନ୍ତର୍ଯ୍ୟାମୀ ବେହେରାଙ୍କ ନେତୃତ୍ୱରେ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାପକ ସୁରେନ୍ଦ୍ର ପରିଡ଼ା, ଡ. ଭାରତୀ ବେହେରା, ଡ. ଶଶଧର ସାହୁ, ଲାଇବ୍ରେରିଆନ କିଶୋର ଚନ୍ଦ୍ର ନନ୍ଦ, ଧରଣୀଧର ସେଠୀ, ଅନିଲ ପଣ୍ଡା, ସଚ୍ଚିଦାନନ୍ଦ ଭୁକ୍ତା, କୌଶିକ ପଣ୍ଡା, ପ୍ରଜ୍ଞା ପାରମିତା, ଶୁଭଶ୍ରୀ ରାଉତ, ସୌମ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଧାନ ଅମଳ ମେଶିନରେ ପଶିଗଲା ହାତ

କାମାକ୍ଷାନଗର, ୧୪।୧୨(ଡି.ଏନ୍.ଏ.): କଙ୍କଡ଼ାହାଡ଼ ଥାନା ଧୂଳିଗୋଠ ଗ୍ରାମରେ ମଙ୍ଗଳବାର ଅଭାବନୀୟ ଘଟଣା ଘଟିଛି। ଧାନ ଅମଳ ମେଶିନରେ ହାତ ପଶିଯିବାରୁ ମହେଶ୍ୱର ବେଜ୍ ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହୋଇପଡ଼ିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଶୀତବସ୍ତ୍ର ପ୍ରଦାନ

ଗଁଦିଆ, ୧୪।୧୨: ଗଁଦିଆ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଞ୍ଚଳିକ ସେବା ସଙ୍ଗଠନ' ପକ୍ଷରୁ ଗୁଣ୍ଡୁରାପଶି ପଞ୍ଚାୟତର ଗରିବ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଶିବ ମନ୍ଦିରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିଦ୍ୟାଧର ସାହୁ ଉପସ୍ଥିତ ରହି ୭୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କମ୍ବଳ ପ୍ରଦାନ କରିଥିଲେ। ଉପସଭାପତି ତାପସ ରାଉତ, ସହ ସମ୍ପାଦକ ଅଭିମନ୍ୟୁ ଦାସ, କୋଷାଧକ୍ଷ ପ୍ରଭାସ ସାହୁ, ସଭ୍ୟ ବିଜୟ ସାହୁ, ଅନିଲ ରାଉତ, ଉପଦେଷ୍ଟା କାଳିନ୍ଦୀ ଚରଣ ସାହୁ, ବିଶ୍ୱଜିତ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାରେ ୨୭ ସକ୍ରିୟ ଆକ୍ରାନ୍ତ

ଢେଙ୍କାନାଳ ଅଫିସ, ୧୪।୧୨: ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକରୁ ମଙ୍ଗଳବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୨୦,୦୨୨ ହୋଇଛି। ସେହିପରି ୩ଜଣ ସୁସ୍ଥ ହେବାପରେ ଆରୋଗ୍ୟଙ୍କ ସଂଖ୍ୟା ୧୯ ହଜାର ୭୪୯ରେ ପହଞ୍ଚିଛି। ଜିଲାରେ ଏବେ ୨୭ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଥିବାବେଳେ କୋଭିଡ୍ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୨୪୬ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଭତ୍ତା, ରାଶନ କାର୍ଡ ଦାବି

ଅନୁଗୋଳ ଅଫିସ, ୧୪।୧୨: ବଁଅରପାଳ ବ୍ଲକ କାଣ୍ଡସର ପଞ୍ଚାୟତର ଏକାଧିକ ଲୋକ ଭତ୍ତା ଓ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ପଞ୍ଚାୟତରେ ଥିବା କାଣ୍ଡସର ଓ କନିଆବେଢ଼ା ରାଜସ୍ୱ ଗ୍ରାମର କେତେଜଣଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉ ନ ଥିବା ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା, ବିଷ୍ଣୁ ଚରଣ ବେହେରା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରି କି ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ମଧ ସେମାନଙ୍କୁ ସରକାରୀ ସୁବିଧା ପ୍ରଦାନ କରାଯାଉନାହିଁ। ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିବେଦନ କରାଯାଇଛି।

# 'ପ୍ରତିଭା ପୂଜା ସୁସ୍ଥ ବାତାବରଣ ସୃଷ୍ଟିକରେ'

## ୨ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଢେଙ୍କାନାଳ ଅଫିସ, ୧୪।୧୨

ଢେଙ୍କାନାଳ ସଦର ବ୍ଲକ ଭାପୁରସ୍ଥିତ ଭୋଳେଶ୍ୱର ଧଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପ୍ରଫେସର ଗୋଲକ ବିହାରୀ ଧଳ ଏବଂ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ଧଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଭାଷାବିଜ୍ଞାନୀ ପ୍ରଫେସର ଗୋଲକ ବିହାରୀ ଧଳଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏହି ଅଭିନବ ପଦକ୍ଷେପ ନିଆଯାଇଛି। ଗାନ୍ଧୀ ସ୍ମାରକନିଧି ଏବଂ ବାଜି ରାଉତ ଛାତ୍ରାବାସର ସଭାନେତ୍ରୀ ତଥା ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ କହିଲେ, ପ୍ରତିଭାପୂଜା ସମାଜରେ ସୁସ୍ଥ ବାତାବରଣ ସୃଷ୍ଟି କରେ। ବ୍ରଜକିଶୋର ଧଳ ଜଣେ ସାଲିସ ବିହୀନ ସ୍ୱାଧୀନତା ସଂଗ୍ରାମୀ ଥିଲେ। ତାଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଆନ୍ଦୋଳନ ଜାତୀୟସ୍ତରରେ ଗଭୀର ପ୍ରଭାବ ପକାଇଥିଲା। ସେହିପରି ଭାଷା ଓ ଧ୍ୱନି ଗବେଷଣାରେ ଗୋଲକ ବିହାରୀ ଧଳ ଅନ୍ତର୍ଜାତୀୟସ୍ତରରେ ଛାପ ଛାଡ଼ିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟା ପବ୍ଲିସିଂ କାନାଡ଼ାର ପରିଚାଳନା ନିର୍ଦ୍ଦେଶିକା ଡ. ସୁନନ୍ଦା ମିଶ୍ର ପଣ୍ଡା ଯୋଗଦେଇ କାନାଡ଼ାରେ ଓଡ଼ିଆ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋକପାତ କରିଥିଲେ।

ଗୋଲକ ବିହାରୀ ଧଳ ସ୍ମୃତି ସଂସଦ ସଭାପତି ଅପର୍ତ୍ତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶ୍ୱ ଓଡ଼ିଶା ଆନ୍ତର୍ଜାତିକ ପରିଷଦର ସଦସ୍ୟ ପ୍ରଫେସର ଡ. ତନ୍ମୟ ପଣ୍ଡା, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ପ୍ରଧାନ ଶିକ୍ଷକ ଗଗନ ସେନାପତି ଯୋଗ ଦେଇଥିଲେ। ଆବାହକ ଗଙ୍ଗାଧର ଧଳ, ଜୟପୁର ଧଳ, ନୀଳମଣି ମହାରଣା, ପ୍ରଫୁଲ୍ଲ ପଣ୍ଡା, ଗୀତାଞ୍ଜଳି ନାୟକ, ବୈକୁଣ୍ଠ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀଣାପାଣି ଓ ଆରତୀ ଧଳ କବିତା ଆବୃତ୍ତି କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଭାବ ବିନିମୟ କାର୍ଯ୍ୟକ୍ରମକୁ ସତ୍ୟବ୍ରତ ପଣ୍ଡା, ମନୋଜ କୁମାର ସାହୁ ପରିଚାଳନା କରିଥିଲେ।


ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଅତିଥିମାନେ।

# ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

## ଟ୍ୟାକ୍ସ ଫାଙ୍କି ଗାଡ଼ିଚାଳନା

ଢେଙ୍କାନାଳ ଅଫିସ, ୧୪।୧୨

ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ସଡ଼କ ଟିକସ ଫାଙ୍କି ଯାତାୟାତ କରୁଥିବା ୬ଗାଡ଼ିକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗୋବିନ୍ଦପୁର ନିକଟରେ ଚଢ଼ାଉ କରାଯାଇ ଜବତ କରାଯାଇଛି। ଉକ୍ତ ଗାଡ଼ିଗୁଡ଼ିକରୁ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଜବତ ଗାଡ଼ି ମଧ୍ୟରେ ଏକ ହାଇଡ୍ରା ରହିଛି, ଯାହା ୨୦୧୨ରୁ ଟିକସ ଫାଙ୍କି ଚାଲିଥିଲା। ଏହା ଉପରେ ୧ଲକ୍ଷ ୪୫ହଜାର ୪୬୩ ଟଙ୍କା ଫାଇନ୍ କରାଯାଇଛି। ସେହିପରି ୨୦୧୯ରୁ ପରମିଟ୍ ଓ ଫିଟନେସ୍ ନ ଥାଇ ମାଲ୍ ପରିବହନ କରୁଥିବା ଏକ ୧୪ ଚକିଆ ଟ୍ରକ୍‌କୁ ୩ଲକ୍ଷ ୨୮ହଜାର ଟଙ୍କା ଜରିମାନା କରାଯାଇଛି। କ୍ଷମତାଠାରୁ ଅଧିକ ମାଲ୍ ପରିବହନ କରୁଥିବା ହାଇୱାଠାରୁ ୫୩ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି। ହେଲ୍‌ମେଟ ବିନା ଗାଡ଼ି ଚଳାଉଥିବା ଏବଂ କାଗଜପତ୍ର ନ ଥିବା ମୋଟ ୧୯ ଯାନବାହନରୁ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝିଙ୍କ ନେତୃତ୍ୱରେ ଟିଆଇ ସୀତାଂଶୁ ରଞ୍ଜନ ବେହେରା ସହଯୋଗୀଙ୍କ ସହ ଏହି ଚଢ଼ାଉ କରିଥିଲେ। ଜବତ ଭାରିଯାନଗୁଡ଼ିକୁ ଗୋବିନ୍ଦପୁର ଫାଣ୍ଡି ଜିମାରେ ଦିଆଯାଇଥିଲା।


ଜବତ ଗାଡ଼ି।

# ୧୦୮ ଧାରଣ କଲେ ଉପବୀତ

ଢେଙ୍କାନାଳ ଅଫିସ, ୧୪।୧୨

ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘ ପକ୍ଷରୁ ଢେଙ୍କାନାଳ ସଦର ବ୍ଲକ କଙ୍କଡ଼ାହାଡ଼ସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ସ୍ୱପ୍ନେଶ୍ୱର ମନ୍ଦିରରେ ସୋମବାର ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ୧୦୮ ବ୍ରାହ୍ମଣ ବାଳକ ଉପବୀତ ଧାରଣ କରିଥିଲେ।

ପୁରୀ, ଖୋର୍ଦ୍ଧା, ଅନୁଗୋଳ, ନୟାଗଡ଼, ଦେବଗଡ଼, କଟକ, ଗଞ୍ଜାମ, ସମ୍ବଲପୁର ଜିଲାରୁ ବହୁ ବ୍ରାହ୍ମଣ ପରିବାର ଏଥିରେ ସାମିଲ ହୋଇଥିଲେ। ଶ୍ରୀଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପକ୍ଷରୁ ମଠ ସଚିବ ପ୍ରମୁଖ ପ୍ରବନ୍ଧକ ପ୍ରଜ୍ଞାନନ୍ଦ ମହାରାଜା, ରାମାନନ୍ଦଜୀ ମହାରାଜ, ପୁରୀ ଗୋବର୍ଦ୍ଧନ ମଠ ପ୍ରତିନିଧି ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ନାଗା ସାଧୁ ବୈଷ୍ଣବ ପୁରୀ ଯୋଗଦେଇ ସନାତନ ଧର୍ମର ସୁରକ୍ଷା, ବ୍ରାହ୍ମଣଙ୍କ ଆହାର, ଆଚାର, ବ୍ୟବହାର ସମ୍ପର୍କରେ ଆଲୋଚନା କରିବା ସହ ୧୦୮ ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଲଳିତ ମହାପାତ୍ର, ଉପସଭାପତି କାମାକ୍ଷା ପ୍ରସାଦ ରଣା, ସମ୍ପାଦକ ଆଚାର୍ଯ୍ୟ ବ୍ୟୋମକେଶ ମହାପାତ୍ର, ସହ ସମ୍ପାଦକ ପ୍ରଦୀପ ମହାପାତ୍ର, ମୁଖପାତ୍ର ଜିତେନ୍ଦ୍ର ରଣା, ସାଂସ୍କୃତିକ ସମ୍ପାଦକ ଦେବୀଦତ୍ତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉପବୀତ ଧାରଣ କରିଥିବା ବ୍ରାହ୍ମଣ ବାଳକଙ୍କ ସମେତ ଅନ୍ୟମାନେ।

# 'ଶକ୍ତି ସଂରକ୍ଷଣ କର'



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ଅଫିସ, ୧୪।୧୨

ଢେଙ୍କାନାଳ ପୌରାଞ୍ଚଳର ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ମଙ୍ଗଳବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଅଶୋକ ପ୍ରଧାନ, ରସାନନ୍ଦ ପ୍ରଧାନ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ସଚେତନ ହୋଇ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବାକୁ ଆହ୍ୱାନ ଦେଇଥିଲେ। ଛାତ୍ର ଅଭିଜିତ୍ ପାତ୍ର, ରାହୁଲ ନାଥ, ଛାତ୍ରୀ ଦେବସ୍ମିତା ନାଥ, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ଶକ୍ତି ସଂରକ୍ଷଣର ଆବଶ୍ୟକତା ଉପରେ ମତ ଉପସ୍ଥାପନ କରିଥିଲେ। ଶକ୍ତିର କ୍ଷୟ ନ ଥାଏ, ଏହା କେବଳ ରୂପାନ୍ତରିତ ହୋଇଥାଏ ବୋଲି ବିଜ୍ଞାନ ଶିକ୍ଷୟିତ୍ରୀ ସରଳା ସାହୁ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶକ୍ତି ଅବକ୍ଷୟର କୁପରିଣାମ ବିଷୟରେ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ କବିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପରିବେଶ ସମ୍ବନ୍ଧିତ ଓଡ଼ିଆ ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରବନ୍ଧରେ ଅର୍ଚ୍ଚନା ନାୟକ, ଦେବସ୍ମିତା ନାଥ, ନନ୍ଦିତା ବେହେରା ଏବଂ ଚିତ୍ରାଙ୍କନରେ ଅଭିଜିତ ପାତ୍ର, ପ୍ରଭାତୀ ନାୟକ, ରାହୁଲ ନାଥ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ୨୦୬ ଜଣଙ୍କୁ ଟିକାକରଣ

ଢେଙ୍କାନାଳ ଅଫିସ, ୧୪।୧୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ଥପୁର ଓ ଏରନ୍ଦା ଗ୍ରାମରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନ୍ୟୁ ଇଣ୍ଡିଆ' ସହଯୋଗରେ ସୋମବାର କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨୦୬ଜଣଙ୍କୁ ପ୍ରତିଷେଧକ ଟିକା ଦିଆଯାଇଥିଲା। ଆଗାମୀ ଦିନରେ ୫୦୦ ଜଣଙ୍କୁ ଟିକା ଦିଆଯିବାର ବ୍ୟବସ୍ଥା କରାଯାଇଛି। ସମ୍ପାଦକ ଶେଷଦେବ ରାଉତଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ଝିଲି ମଲିକ, ସାମାଜିକ କର୍ମୀ ନିରଦ ରାଉତ, ଅମ୍ବୁଜ ନାୟକ, ନିଗମ ସାହୁ, ବିଚିତ୍ର ରାଉତ, ସଲୋନୀ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।


ଜଣେ ମହିଳାଙ୍କୁ ଟିକାକରଣ କରାଯାଉଛି।

# ୨ରେ ଶୀତବସ୍ତ୍ର ପ୍ରଦାନ ଉତ୍ସବ

କଣିହାଁ,୧୪।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଉତ୍କଳମଣି ଗୋପବନ୍ଧୁ ଭିନ୍ନକ୍ଷମ, ଦୃଷ୍ଟିହୀନ ଦିବ୍ୟାଙ୍ଗ କଲ୍ୟାଣ ସମିତି ତରଫରୁ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଆସନ୍ତା ଜାନୁୟାରୀ ୨ ତାରିଖ ପ୍ରଥମ ରବିବାରରେ ରାଜ୍ୟସ୍ତରୀୟ ଶୀତବସ୍ତ୍ର ପ୍ରଦାନ ଉତ୍ସବ କରାଯିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ସମିତି ସହିତ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନାର ସହଯୋଗରେ ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ସ୍ଥାନର ଦୃଷ୍ଟିହୀନ, ଭିନ୍ନକ୍ଷମ ଦିବ୍ୟାଙ୍ଗମାନେ ଏଥିରେ ଉପକୃତ ହୋଇପାରିବେ। ଇଚ୍ଛୁକ ବ୍ୟକ୍ତି, ଅନୁଷ୍ଠାନ ଏଥିପାଇଁ ସାହାଯ୍ୟ ସହଯୋଗ କରିବା ସହିତ ପରିଚିତ ଦିବ୍ୟାଙ୍ଗମାନଙ୍କୁ ଅଂଶଗ୍ରହଣ କରିବାରେ ସହାୟକ ହେବା ପାଇଁ ସମିତି ସଭାପତି ସୁଧାକର ପ୍ରଧାନ, ସମ୍ପାଦକ କାଳିନ୍ଦୀ ପ୍ରଧାନ ଅନୁରୋଧ କରିଛନ୍ତି।

# ୩ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

## କାର୍ଯ୍ୟକ୍ଷମ ହେଉନି ଢେଙ୍କାନାଳ କଲେଜ ନୂତନ ଛାତ୍ରାବାସ

ଢେଙ୍କାନାଳ ଅଫିସ, ୧୪।୧୨

ଉଦ୍‌ଘାଟନକୁ ୩ବର୍ଷ ବିତିଯାଇଥିଲେ ମଧ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ନବନିର୍ମିତ ଛାତ୍ରାବାସ କାମରେ ଆସୁନାହିଁ। ବିକଳ୍ପ ନ ଥିବାରୁ ଅନ୍ତେବାସୀମାନେ ବିପଦସଙ୍କୁଳ ହୋଇପଡ଼ିଥିବା ପୁରାତନ କପିଳାସ ଛାତ୍ରାବାସରେ ରହିବାକୁ ବାଧ ହେଉଛନ୍ତି। ସମସ୍ୟା ସମ୍ପର୍କରେ ବିଭିନ୍ନ ସମୟରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ବିଭାଗୀୟ ଯୁଗ୍ମ ସଚିବ ସ୍ନିଗ୍ଧା ଚମ୍ପତିରାୟ। ୩ଦିନ ମଧ୍ୟରେ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ସେ କଲେଜ ଅଧକ୍ଷଙ୍କୁ ପତ୍ର ମାଧମରେ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀରେ ୪ କୋଟି ୫୮ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟରେ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ହଷ୍ଟେଲ ଉଦ୍‌ଘାଟିତ ହୋଇଥିଲା। ଅଦ୍ୟାବଧି ନୂତନ କୋଠାରେ ବିଦ୍ୟୁତ୍, ପାଣି ସୁବିଧା ହୋଇନାହିଁ। ପିଲାମାନଙ୍କ ପାଠପଢ଼ିବା ପାଇଁ ଷ୍ଟଡି ଟେବୁଲ କିମ୍ବା ବେଡ୍ ନାହିଁ। ଅନ୍ୟପଟେ ପୁରୁଣା କପିଳାସ ହଷ୍ଟେଲ ଭାଙ୍ଗିରୁଜି ଗଲାଣି। କେତେକ ସ୍ଥାନରେ ଛାତ ଫାଟି କଂକ୍ରିଟ୍ ଖସିଗଲାଣି। ଅନ୍ୟ ଉପାୟ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ପିଲାମାନେ ବାହାରେ ଘରଭଡ଼ା ନେଇ ରହୁଛନ୍ତି। ଏହାକୁ ନେଇ ଛାତ୍ରସଂଘ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ତୁରନ୍ତ ନୂତନ ଛାତ୍ରାବାସ କାର୍ଯ୍ୟକ୍ଷମ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଢେଙ୍କାନାଳ ଅଫିସ,୧୪।୧୨

ଭୁବନେଶ୍ୱରସ୍ଥିତ ରାଜ୍ୟ ପିସିସି କାର୍ଯ୍ୟାଳୟରେ ପଶି ପୋଲିସର ବର୍ବରୋଚିତ ଆକ୍ରମଣ ପ୍ରତିବାଦରେ ମଙ୍ଗଳବାର ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ପ୍ରତିବାଦ ସଭାରେ ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକ ସଭାପତିତ୍ୱ କରି ପୋଲିସର ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁବାସିନୀ ମହାକୁଡ, ସମ୍‌ସିଦା ତାଏବ, ମମତାଞ୍ଜଳି ବେହେରା, ଜ୍ୟୋତିର୍ମୟୀ ପାଲ, ଶୁଭମ୍ ଦାଶ, ବିପ୍ରବର ସାହୁ, ପ୍ରେମଶଙ୍କର ମିଶ୍ର, ହାଇଦର ମହମ୍ମଦ, ଗୋପାଳ ସାହୁ, ପ୍ରକାଶ କୁଅଁର, ଅମର ସେନାପତି, ମହମ୍ମଦ ସମୀର, ଶିଳ୍ପୀଶ୍ରୀ ହରିଚନ୍ଦନ, ଛବିରାଜ ବିଶ୍ୱାଳ, ଅମ୍ଲାନ ଖଟୁଆ, ସୁନୀଲ ଦାଶ, ନିର୍ମଳ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ।



ଏସ୍‌ପି ଅଫିସ୍ ଘେରାଉ ଅବସରରେ କଂଗ୍ରେସ କର୍ମକର୍ତ୍ତାମାନେ।

# ୫୨ ୟୁନିଟ୍ ରକ୍ତ ସଂଗ୍ରହ

ପରଜଙ୍ଗ, ୧୪।୧୨(ଡି.ଏନ୍.ଏ.)

ପରଜଙ୍ଗ ମହେଶ୍ଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠରେ ସୋମବାର ଓଡ଼ିଶା ରାଜ୍ୟ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ବିଡିଓ ବିନୋଦ ବେହେରା, ତହସିଲଦାର ଖଗେଶ୍ୱର ପାତ୍ର, ବିଇଓ ହରିହର ଦେହୁରୀ, ଡା. ଜୟନାରାୟଣ ପାଢ଼ୀ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ା, ସୌଦାମିନୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ୍ ୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରକୁ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବିକ୍ରମସିଂ, କ୍ରୀଡ଼ା ଶିକ୍ଷକ ମନୋରଞ୍ଜନ ବାରିକ, ଶିକ୍ଷକ ପ୍ରମୋଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



# ଇପିଏଫ୍ ପେନ୍‌ସନଭୋଗୀଙ୍କ ପ୍ରତି ଅବିଚାର ହେଉଛି



ସଭାରେ ଉପସ୍ଥିତ ଇପିଏଫ୍ ପେନସନ୍‌ଭୋଗୀ ସଂଘର କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ, ୧୪।୧୨

ଢେଙ୍କାନାଳ ଜିଲା ଇପିଏଫ୍ ପେନ୍‌ସନଭୋଗୀ ସଂଘର ବାର୍ଷିକ ସାଧାରଣ ସଭା ମଙ୍ଗଳବାର ସ୍ଥାନୀୟ ଯାଉଁଳି ପୋଖରୀ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଇପିଏଫ୍ ସର୍ବଭାରତୀୟ ସମନ୍ୱୟ ସମିତି ଉପସଭାପତି ତଥା ରାଜ୍ୟ ଶାଖା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ସଂଯୋଜକ ବିକ୍ରମ ଛୋଟରାୟ, କଟକ ଜିଲା ସଭାପତି ରାଜକିଶୋର ସ୍ୱାଇଁ, ଜଗତସିଂହପୁର ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବିଚାର କରୁଥିବା ଅଭିଯୋଗ କରିଥିଲେ। ପ୍ରାରମ୍ଭରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍, ତାଙ୍କ ସ୍ତ୍ରୀଙ୍କ ସମେତ ୧୩ଜଣଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା।

୨୦୨୨-୨୩ ବର୍ଷ ପାଇଁ ସଭାପତି ଭାବେ ଜ୍ୟୋତିରଞ୍ଜନ ମହାପାତ୍ର, ଉପସଭାପତି ହୃଦାନନ୍ଦ ପ୍ରଧାନ, ଶରତ ରଥ, ସମ୍ପାଦକ ସଦାଶିବ ମିଶ୍ର, ଯୁଗ୍ମ ସମ୍ପାଦକ ଉମାଶଙ୍କର ଦାସ, ଗୋଲେଖ ବରାଳ, କୋଷାଧକ୍ଷ ନେତ୍ରାନନ୍ଦ ସାହୁ, ଉପଦେଷ୍ଟା ବିରଞ୍ଚି ନାରାୟଣ ମିଶ୍ର, ଗୋପୀନାଥ ଜେନା, ପଠାଣି ଚନ୍ଦ୍ର ପୃଷ୍ଟି, ପ୍ରଫୁଲ୍ଲ ପରିଡ଼ା, ରମେଶ ସାମଲ, ଧ୍ରୁବ ନାୟକ, ନୀରୋଦ ପଟ୍ଟନାୟକ, ବାଇଧର ଚକ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ୧୦୦ରୁ ଊର୍ଦ୍ଧ୍ୱ ଇପିଏଫ୍ ପେନ୍‌ସନଭୋଗୀ ଯୋଗଦେଇ ସେମାନଙ୍କ ଦାବି, ସମସ୍ୟା ବିଷୟରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ମାଧପୁର: କିଆକଟା ଥାନା କିଆକଟା–ବୌଦ୍ଧ ରାସ୍ତାର ବାଙ୍କପାଳ ଛକ ନିକଟରେ ମଙ୍ଗଳବାର ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। କିଆକଟା ଦିଗରୁ ଆସୁଥିବା ଏକ ବାଇକ୍ ଛକ ନିକଟରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତାଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### କାର୍ଯ୍ୟକାରିଣୀ ପାଇଁ ପ୍ରସ୍ତୁତି

**କଣିହାଁ/ ପବିତ୍ରନଗର,୧୪।୧୨(ଡି.ଏନ.ଏ.):** କଣିହାଁ ବ୍ଲକ ପବିତ୍ରନଗର ଜୋନ୍‌ସ୍ତରୀୟ ବିଜେଡି କାର୍ଯ୍ୟକାରିଣୀ ବୈଠକ ୧୫ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଥିଲା। କଣିହାଁ ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି କିପରି ଅଧିକରୁ ଅଧିକ ଜିଲା ପରିଷଦ, ପଞ୍ଚାୟତ ଅକ୍ତିଆର କରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବିଚନ୍ଦ୍ର ରାଉତ, ପର୍ଶୁରାମ ବିଶ୍ୱାଳ, ବିରଞ୍ଚି ନାରାୟଣ ସାହୁ, ଅବନୀ ଦେହୁରୀ, ସୁବାସ ଚନ୍ଦ୍ର ମହାନ୍ତି, ପ୍ରଦୀପ ସାମଲ, ମଣ୍ଟୁ ମହାନ୍ତି, କୃପାସିନ୍ଧୁ ସାହୁ, ଦେବରାଜ ଦାସ, କ୍ଷୀରୋଦ ଗଡନାୟକ, ରାମକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ।

### ଇସ୍କନରେ ଗୀତା ଜୟନ୍ତୀ

**ଅନୁଗୋଳ ଅଫିସ,୧୪।୧୨:** ଅନୁଗୋଳସ୍ଥିତ ଇସ୍କନ କେନ୍ଦ୍ରରେ ମଙ୍ଗଳବାର କୋଭିଡ୍ କଟକଣା ମଧ୍ୟରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଉପସ୍ଥିତ ରହି ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁ ମହାରାଜ ଅନୁଗୋଳରେ ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ପ୍ରଭୁପାଦଙ୍କ ୧୨୫ ତମ ଜନ୍ମବାର୍ଷିକ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ୧୨୫ ଟଙ୍କିଆ ରୌପ୍ୟ ମୁଦ୍ରାର ଶୁଭାରମ୍ଭ କରିଲେ। କେନ୍ଦ୍ର ମୁଖ୍ୟ ପରିଚାଳକ ପୁରୁଷୋତ୍ତମ ଦାସ ଏବଂ ସହ ପରିଚାଳକ ମୋହନ କୃଷ୍ଣ ଦାସଙ୍କ ଅଧକ୍ଷତାରେ ଏହି ଉତ୍ସବ ପାଳିତ ହୋଇଥିଲା।

### ଅଗ୍ନି ବିପନ୍ନଙ୍କୁ ସହାୟତା ଦାବି

**ବଇଣ୍ଡା,୧୪।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ଉରୁକୁଲା ପଞ୍ଚାୟତର ସେରେଣ୍ଡା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ବାବୁଲି ନାୟକଙ୍କ ଘର ଜଳିଯାଇଛି। ବାବୁଲି ତାଙ୍କ ଘରେ ଧାନ ସିଝାଉଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଗ୍ରାମବାସୀ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

### ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉ

**ବଇଣ୍ଡା,୧୪।୧୨(ଡି.ଏନ.ଏ.):** ଅନେକ ସମୟରେ ସାଧୁସନ୍ଥମାନଙ୍କ ଉପରେ ଆକ୍ରମଣ ହେଉଛି। ତେଣୁ ସେମାନଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ସୋମବାର କିଶୋରନଗର ବ୍ଲକ ଧଉରାଗୋଠ ଶ୍ରୀ ଷଡଭୁଜ ଗୌରାଙ୍ଗ ଆଶ୍ରମ ପରିସରରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଠ ସଦସ୍ୟ କର୍ଣ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ବାବା ଲୋକନାଥ ଦାସ, ଗଣେଶ୍ୱର ପାତ୍ର, ଭାଜପା ନେତା ଭାଗୀରଥି ପ୍ରଧାନ, ବିଲେଇନାଳୀ ସରପଞ୍ଚ ନବକୁମାର ସାହୁ, ବିପିନ ବିହାରୀ ପ୍ରଧାନ, ନିରଞ୍ଜନ ରାଉଳ, ମେଘନାଥ ସାହୁ, ବାସବ ସାହୁ, ରମେଶ ଧଳ ଯୋଗ ଦେଇଥିଲେ।

### ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



**କଣିହାଁ,୧୪।୧୨(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମର ମା' ଭଣେଶ୍ୱରୀ ସେବା ସମିତି ଆନୁକୂଲ୍ୟରେ ରବିବାର ଗ୍ରାମର ବ୍ରାହ୍ମଣୀ ନଦୀକୂଳ ଆମ୍ବତୋଟାରେ ବରିଷ୍ଠ ନାଗରିକଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଶିକ୍ଷାବିତ୍ ବୀରବର ସାହୁ, ମେଘନାଦ ସେଠୀ, ଗୋପବନ୍ଧୁ ମହାନ୍ତି, ରମେଶଚନ୍ଦ୍ର ଶତପଥୀ ଯୋଗଦେଇଥିଲେ। ଶିକ୍ଷକ ମକୁନ୍ଦ ସାରଙ୍କ ସହିତ ସମିତିର ଅନ୍ୟ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### କରୋନାରୁ ୨ ସୁସ୍ଥ

**ଅନୁଗୋଳ ଅଫିସ, ୧୪।୧୨:** ଅନୁଗୋଳ ଜିଲାରୁ ମଙ୍ଗଳବାର କୌଣସି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଫଳରେ ଜିଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୯୮ରେ ସ୍ଥିର ରହିଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବିଲ ମଧକୁ ଓଲଟିଲା ବସ୍

**ଅନୁଗୋଳ ଅଫିସ, ୧୪।୧୨:** ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଭକ୍ତପୁରଠାରେ ସୋମବାର ରାତିରେ ଏକ ବସ୍ (ନଂ. ଓଡି୦୧ଏସ୍-୦୬୯୯) ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୁବନେଶ୍ୱରରୁ ୬୦ ଯାତ୍ରୀଙ୍କୁ ଧରି ସୁନ୍ଦରଗଡ଼ ଯାଉଥିବା ଏହି ବସ୍ ବିଲ ମଝିକୁ ଓଲଟି ପଡ଼ିଛି। ଆହତ ୧୦ ଯାତ୍ରୀଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହୋଇଥିବା ଦୁର୍ଘଟଣାସ୍ଥଳ ହିନ୍ଦୋଳ ଥାନା ଅଧୀନରେ ଆସୁଥିବା ମହାଧନପୁର ପୋଲିସ କହିଛି।

# ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷା ଉଦ୍ୟମ

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ଜିଲାରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ଏହାର ନିୟନ୍ତ୍ରଣ ପାଇଁ ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି।

## ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦିଆଗଲା ପ୍ରଶିକ୍ଷଣ

କିନ୍ତୁ ଦୁର୍ଘଟଣାର ଶିକାର ହେଉଥିବା ଅଧିକାଂଶ ଲୋକଙ୍କୁ ତ୍ୱରିତ ଚିକିତ୍ସା ମିଳିପାରୁ ନାହିଁ। ଫଳରେ କେତେଜଣଙ୍କ ଜୀବନ ଯାଉଛି ତ ଆଉ କେତେଜଣ ଭିନ୍ନକ୍ଷମ ହୋଇଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦୁର୍ଘଟଣାଗ୍ରସ୍ତଙ୍କୁ କିଭଳି ତୁରନ୍ତ ଉଦ୍ଧାର ସହ ଚିକିତ୍ସା କରାଯାଇପାରିବ, ସେ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।

ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୮୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗୋଲଡ୍‌ନ୍ ଆୱାର ମଧ୍ୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ସହ ଚିକିତ୍ସାଳୟରେ କିଭଳି ପହଞ୍ଚାଯିବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସହରାଞ୍ଚଳରେ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସାର ଅଧିକ ସୁବିଧା ଥିବାବେଳେ ଗ୍ରାମାଞ୍ଚଳରେ ଏହା ନାହିଁ। ତେଣୁ ବିଭିନ୍ନ ପଞ୍ଚାୟତରେ ଜଣେ କି ଦୁଇ ଜଣଙ୍କୁ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରାଜପଥରେ ବ୍ଲକସ୍ପଷ୍ଟ ଚିହ୍ନଟ ସହ ଦୁର୍ଘଟଣା ଆଶଙ୍କା ଥିବା ୧୫ରୁ ୨୦ ସ୍ଥାନ ନିକଟସ୍ଥ ବିଭିନ୍ନ ଦୋକାନୀଙ୍କୁ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାଦ୍ୱାରା ମୃତ୍ୟୁ ସଂଖ୍ୟା କମ୍ ହେବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲାରୁ ମନୋନୀତ ହୋଇଥିବା ୱାଇଆରସି, ଜେଆରସି, ସିଭିଲ ଡିଫେନ୍ସ ପର୍ସନାଲ ଓ ଏନ୍‌ସିସି କ୍ୟାଡେଟ୍‌ମାନେ ପ୍ରଶିକ୍ଷଣ ନେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବିଭାଭଞ୍ଜନ ସାମନ୍ତସିଂହାର ଏହାକୁ ପରିଚାଳନା କରିଥିବାବେଳେ ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ଏମ୍‌ଭିଆଇ ମାନସ ମିଶ୍ର, ସଡ଼କ ସୁରକ୍ଷା ଅଧିକାରୀ ଗିରିଶ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟ ତାଲିମଦାତା ଡ. ବିକ୍ରମ ମହାନ୍ତି ଓ ଅଭିଷେକ ସିଂ ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ସାମୂହିକ ବିକାଶ ପ୍ରକଳ୍ପ ପରିଦର୍ଶନ

**ଛେଣ୍ଡିପଦା,୧୪।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଶାଳଖମଣସ୍ଥିତ ୱାଡିକ୍ଷେତ୍ରରେ ଆୟୋଜିତ ସାମୂହିକ ସାଙ୍ଗଠନିକ ବ୍ୟାପକ ଗୋଷ୍ଠୀ ବିକାଶର ବିଭିନ୍ନ କାର୍ଯ୍ୟକ୍ରମକୁ ମଙ୍ଗଳବାର ଏମ୍‌ସିଏଲ୍ ଜିଏମ୍ (ସିଏସ୍‌ଆର୍) ରଜନୀକାନ୍ତ ପାଣିଗ୍ରାହୀ ପରିଦର୍ଶନ କରିଛନ୍ତି। ଏମ୍‌ସିଏଲ୍‌ର ବାଏଫ ମାଧ୍ୟମରେ ଏହି ୱାଡିକ୍ଷେତ୍ର ପରିଚାଳିତ ହେଉଥିବାରୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଚାଷୀ ଓ ହିତାଧିକାରୀଙ୍କ ସହ ଜିଏମ୍ ପାଣିଗ୍ରାହୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ବିକାଶ ସହ ପ୍ରଗତିକୁ ଅଧିକ ଉନ୍ନତମାନର କରିବାକୁ ଜିଏମ୍ ମତ ଦେଇଥିଲେ। ବାଏଫ ଓଡ଼ିଶାର ମୁଖ୍ୟ କାର୍ଯ୍ୟକ୍ରମ ପ୍ରବନ୍ଧକ ରାକେଶ ୱାରିଅର ଏବଂ ଉପମୁଖ୍ୟ ପ୍ରବନ୍ଧକ ସୁରଜ କୁମାର, ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ (ସିଭିଲ) ବିମଳ କୁମାର ଦାସ, ଉପମୁଖ୍ୟ ପ୍ରବନ୍ଧକ (ହିଙ୍ଗୁଳା ଏରିଆ) ପବିତ୍ର ନାୟକ, ଅତିରିକ୍ତ ପ୍ରବନ୍ଧକ ଅରବିନ୍ଦ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରକଳ୍ପରେ ଅଞ୍ଚଳର ଶତାଧିକ ଚାଷୀ ଯୋଗଦେଇଥିଲେ। ବାଏଫ୍ ପ୍ରକଳ୍ପ ଅଧିକାରୀ ସୁଧାଂଶୁ ରାୟଗୁରୁ, ମାନସ କୁମାର ନାଥ, ମାନସ ରଞ୍ଜନ ରାଉତ, ପଲ୍ଲବୀ ପଟ୍ଟନାୟକ, ନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ସିଆର୍‌ପି ଓ ଗ୍ରାମବାସୀ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଓଏମ୍‌ସି କର୍ମଚାରୀ ଅଟକ

**ଛେଣ୍ଡିପଦା,୧୪।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦାଠାରେ ସରକାରଙ୍କ ପ୍ରସ୍ତାବିତ କୋଲ୍ ବ୍ଲକ ପ୍ରତିଷ୍ଠା ପାଇଁ ହେଉଥିବା ସର୍ଭେକୁ ନେଇ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବିରୋଧ କରାଯାଉଛି। ମଙ୍ଗଳବାର ସର୍ଭେ କାର୍ଯ୍ୟ କରୁଥିବା ଓଏମ୍‌ସିର ୨ଜଣ କର୍ମଚାରୀଙ୍କୁ ଗ୍ରାମବାସୀ କୋଠଘରକୁ ଆଣି ଅଟକ ରଖିଥିଲେ। ଖବରପାଇ ଓଏମ୍‌ସି ଉଚ୍ଚପଦସ୍ଥ ଅଧିକାରୀ ଓ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମବସୀଙ୍କ ସହିତ ଓଏମ୍‌ସି ବୈଠକ କରିବା ପର୍ଯ୍ୟନ୍ତ ଖଣି ସର୍ଭେ କାର୍ଯ୍ୟ ବନ୍ଦ ରଖିବାକୁ ଗ୍ରାମବାସୀ ଦାବି କରିଥିଲେ। ଏ ନେଇ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଅଟକ କର୍ମଚାରୀଙ୍କୁ ଛାଡ଼ିଦେଇଥିଲେ। ଥାନା ଏସ୍‌ଆଇ ଅରୁଣ ବେହେରା କହିଛନ୍ତି, ଓଏମ୍‌ସି କର୍ମଚାରୀମାନେ ଗ୍ରାମବାସୀଙ୍କୁ ଜଣାଇ ଆସିଥିଲେ। ସେଥିପାଇଁ ଆଲୋଚନା ହୋଇଥିଲା।

## ଅଘୋଷିତ ବିଜୁଳି କାଟ ନେଇ ଅସନ୍ତୋଷ

**ଖମାର,୧୪।୧୨(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟୁତ୍ ବିଲ୍ ବଢିଚାଲିଥିବାବେଳେ ଯୋଗାଣ ସନ୍ତୋଷଜନକ ହେଉନାହିଁ। ବାରମ୍ବାର ବିଦ୍ୟୁତ୍ କାଟ କରାଯାଉଥିଲେ ମଧ୍ୟ ଏ ନେଇ ଆଗୁଆ ସୂଚନା ଦିଆଯାଉ ନାହିଁ। ପ୍ରତିମାସରେ ୧୦ରୁ୧୫ଦିନ ଏପରି ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଖମାର ଅଞ୍ଚଳରେ ଥିବା ୩ଟି ମେଡିକାଲ, ୨ ନର୍ସିଂହୋମ ସହ ସରକାରୀ ଓ ବେସରକାରୀ ଅଫିସଗୁଡ଼ିକରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଥିସହ ହାତୀ ଉପଦ୍ରବ ବଢୁଥିବାରୁ ସନ୍ଧ୍ୟା ନ ହେଉଣୁ କେତେକ ଅଞ୍ଚଳରେ ସଂଯୋଗ ବିଚ୍ଛିନ୍ନ କରାଯାଉଛି। ଉପଭୋକ୍ତା ବିଲ୍ ବାବଦ ଅଧିକ ଅର୍ଥ ଗଣୁଥିବାବେଳେ ଉନ୍ନତ ସେବା ପରିବର୍ତ୍ତେ ଘନ ଘନ ଅଘୋଷିତ ବିଦ୍ୟୁତ୍ କାଟ ଚିନ୍ତାର କାରଣ ହୋଇଛି। ଆଗାମୀ ଦିନରେ ଖମାର ଇଲେକ୍ଟ୍ରି ଅଫିସ ଘେରାଉ କରାଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ଜିଲାପାଳଙ୍କ ଦ୍ୱାରସ୍ଥ ମଣ୍ଡାପାଳବାସୀ


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଅଞ୍ଚଳବାସୀ।

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ବ୍ଲକ ନୂଆମୌଜା ପଞ୍ଚାୟତ ଶରଧାପୁର ଗ୍ରାମ ମଣ୍ଡାପାଳ ଅଞ୍ଚଳର ଲୋକମାନେ ବସୁଧା ଯୋଜନାରେ ଜଳ ଯୋଗାଣ ଦାବିରେ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଞ୍ଚଳବାସୀ ଦର୍ଶାଇଛନ୍ତି, ଲୋକସଂଖ୍ୟା ବୃଦ୍ଧି ପାଇଥିବାରୁ ଗୋଟିଏ ନଳକୂପ ପାଣି ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ବସୁଧା ଯୋଜନାରେ ୬ ମାସ ହେବ ପାଣି ଟାଙ୍କି କରାଯାଇଥିଲେ ମଧ୍ୟ ସଂଯୋଗ ଦିଆଯାଉ ନ ଥିବାରୁ ୧୫ ପରିବାର ହଇରାଣ ହେଉଛନ୍ତି। ତୁରନ୍ତ ପଦକ୍ଷେପ ନେବାକୁ ସୁପ୍ରଭା ସ୍ୱାଇଁ, ସବାସ ଚନ୍ଦ୍ର ସାହୁ, ସୁଜାତା ସ୍ୱାଇଁ, ଦେବ ସ୍ୱାଇଁ, ବିଶ୍ୱମ୍ବର ପ୍ରଧାନ, ଝିଲି ସାହୁ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି।

# ଘେରାଉ, ସ୍ମାରକପତ୍ର ପ୍ରଦାନ

**ଅନୁଗୋଳ ଅଫିସ,୧୪।୧୨**

ଗତ ୧୦ ତାରିଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ବେଳେ ପୋଲିସ ମାଡ଼ରେ ବହୁ ଛାତ୍ର ଲହୁଲୁହାଣ ହୋଇଥିଲେ। ପୋଲିସର ଏପରି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ମଙ୍ଗଳବାର ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ପୋଲିସର ଏପରି କାର୍ଯ୍ୟକୁ ନିନ୍ଦା କରାଯିବା ସହ ଏହାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବା ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା କଂଗ୍ରେସ ଉପସଭାପତି ତପନ କୁମାର ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ଗୋପାଳ ନାଥ, ଧର୍ମେନ୍ଦ୍ର ନାଥ ମିଶ୍ର, ଟିକନ ବେହେରା, ନୀଳକଣ୍ଠ ନାଏକ, ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଅମୂଲ୍ୟ ବେହେରା, ବିନୋଦ ମାଝି, ରାକେଶ ମିଶ୍ର, ସଂଗ୍ରାମ ବେହେରା, ଜଗନ୍ନାଥ ବେହେରା, କୈଳାସ ପ୍ରଧାନ, ବେଲାରସେନ ଗଡନାୟକ, ଭାସ୍କର ସାହୁ, ଜିତେନ୍ଦ୍ର ସାହୁ, ହେମନ୍ତ ମହାଳିକ ପ୍ରମୁଖ ବହୁ ଛାତ୍ର, ଯୁବ ଓ ମହିଳା କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।


ଏସ୍‌ପି ଅଫିସ ଘେରାଉ କରିଥିବା କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ।

## ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ

**ଆଠମଲ୍ଲିକ,୧୪।୧୨(ଡି.ଏନ.ଏ.)**

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଶୋରନଗର ଓ ଆଠମଲ୍ଲିକ ବ୍ଲକର ମୋଟ୍ ୪୭ ପଞ୍ଚାୟତକୁ ପାଇପ ଯୋଗେ ମହାନଦୀରୁ ପାନୀୟ ଜଳ ଯୋଗାଣ କରାଯିବ। ଏହି ମେଗା ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ସରକାରଙ୍କ ନିକଟରେ ଯୋଜନା ଥିଲା। ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ ଓ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏ ନେଇ ଦୀର୍ଘଦିନ ହେଲା ଉଦ୍ୟମ ଚଳାଇ ଆସିଥିଲେ। ଶେଷରେ ଏହି ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗରେ କିଶୋରନଗର ବ୍ଲକର ୨୩ ପଞ୍ଚାୟତ ଓ ଆଠମଲ୍ଲିକ ବ୍ଲକର ୩ ପଞ୍ଚାୟତ ରହିଥିବାବେଳେ ଦ୍ୱିତୀୟ ଭାଗରେ ଆଠମଲ୍ଲିକ ବ୍ଲକର ଅବଶିଷ୍ଟ ୨୧ ପଞ୍ଚାୟତକୁ ପାଇପ ପାଣି ଯୋଗାଣର ଲକ୍ଷ୍ୟ ରଖାଯାଇଛି। ଏଥିନିମନ୍ତେ ମୋଟ ୩୯୬ କୋଟି ୨୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୯୮୦୦ ତା.୧୧।୧୧।୨୦୨୧ ଅନୁଯାୟୀ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା ଜଣାଯାଇଛି।

# ଏସ୍‌ଏଚ୍‌ଜିକୁ ୭ କୋଟି ଋଣ ପ୍ରଦାନ

**ଛେଣ୍ଡିପଦା,୧୪।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହ ପରିସରରେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ମଙ୍ଗଳବାର ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଜୀବିକା ମିଶନ ଶକ୍ତିର ସଂଯୋଜକ ତପନ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଋଣ ମେଳାରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ଛେଣ୍ଡିପଦା ବ୍ଲକ ପ୍ରତିନିଧି ଯଶୋବନ୍ତ ପ୍ରସାଦ ବେହେରା, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ରଞ୍ଜନ କୁମାର ସେଠୀ ଯୋଗଦେଇଥିଲେ।


ବିଧାୟକ ଏସ୍‌ଏଚ୍‌ଜିର ଜଣେ ସଦସ୍ୟାଙ୍କୁ ଋଣ ପ୍ରଦାନ କରୁଛନ୍ତି।

ମେଳାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, କାନାରା ବ୍ୟାଙ୍କ ମାଧ୍ୟମରେ ୪୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ୭କୋଟି ୭୧ ଲକ୍ଷ ୧୨ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଜୀବିକା ମିଶନ ସଂଯୋଜକ ସଞ୍ଜୟ କୁମାର ସାହୁ, ପଞ୍ଚାନନ ସାହୁ, ସୁବ୍ରତ କୁମାର ସାହୁ, ହିରଣ୍ମୟୀ ପ୍ରଧାନ ଓ ବ୍ୟାଙ୍କ ମିତ୍ରମାନେ ସହଯୋଗ କରିଥିଲେ।

# ଟଙ୍କା ଫେରିପାଇବା ନେଇ ବଢ଼ିଲା ଆଶା

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ଜିଲାରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଖୋଲାଯିବ। ଏହି ଥାନା ପାଇଁ ନୂଆ ଅଧିକାରୀ, ସବ୍‌ଇନ୍ସପେକ୍ଟର, ଏଏସ୍‌ଆଇ, କନଷ୍ଟେବଲ, ଆଇଟି ଏକ୍ସପର୍ଟ, ସାଇବର ଫରେନସିକ୍ ଏକ୍ସପର୍ଟ, ଫାଇନାନ୍ସ ଆଣ୍ଡ ଆକାଉଣ୍ଟ ଆନାଲିସିଷ୍ଟଙ୍କୁ ମଧ୍ୟ ନିଯୁକ୍ତି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଜିଲାବାସୀ ସ୍ୱାଗତ କରିଥିବାବେଳେ ଅନୁଗୋଳ ପୋଲିସରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ୨୦୨୦ ବର୍ଷରେ ୭୩ ଲକ୍ଷ ୩୮ ହଜାର ୨୪୭ ଟଙ୍କା ସାଇବର ଲୁଟେରାମାନେ ଚଲୁ କରିଛନ୍ତି। ଏ ନେଇ ମୋଟ୍ ୮୯ଟି ମାମଲା ରୁଜୁ ହୋଇଥିଲା। ଉକ୍ତ ବର୍ଷ ପୋଲିସ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ୧୮ ଜଣଙ୍କୁ ଟଙ୍କା ଫେରାଇ ଦିଆଯାଇଥିଲା। ସେହିଭଳି ୨୦୨୧ ବର୍ଷରେ ଜିଲାର ବିଭିନ୍ନ ଥାନାରୁ ୫୦ ଲକ୍ଷରୁ ଅଧିକ ଟଙ୍କା ସାଇବର ଠକମାନେ ଲୁଟ୍ କରୁଛନ୍ତି। ତେବେ ଅନୁଗୋଳରେ ନୂଆ ସାଇବର ଥାନା ଖୋଲାଗଲେ ଏପରି ଠକାମିର ଶିକାର ହେଉଥିବା ଲୋକମାନେ ତୁରନ୍ତ ଅଭିଯୋଗ କରି ଟଙ୍କା ଫେରିପାଇବେ ବୋଲି ଆଶା ବାନ୍ଧିଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଜିଲାରେ ସାଇବର ଥାନା ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ଏହି ଥାନା ଗଠନ ହେବା ପରେ ବିଭିନ୍ନ ସାଇବର ମାମଲାର ତୁରନ୍ତ ସମାଧାନ ହେବା ସହ ଲୋକଙ୍କ ସମସ୍ୟା ମଧ୍ୟ ଦୂର ହେବ।

# ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ,୧୪।୧୨**

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଗୋଳସ୍ଥିତ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅସରନ୍ତି ଓ ସରନ୍ତି ଶକ୍ତିଗୁଡିକର ଉତ୍ସ ଏବଂ ତାହାର ଗୁରୁତ୍ୱ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷକ କେଦାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ବିଦ୍ୟୁତ୍ ବିଭାଗର ଉପଖଣ୍ଡ ଅଧିକାରୀ ସୁନୀଲ କୁମାର ନନ୍ଦ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପଟ୍ଟନାୟକ ଏବଂ ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅସରନ୍ତି ଶକ୍ତିର ବ୍ୟବହାରକୁ ଅଧିକ ଗୁରୁତ୍ୱ ଦେବା ଏବଂ ସରନ୍ତି ଶକ୍ତି ସଞ୍ଚୟ କରିବା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମମତାମୟୀ ପତି ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ଯଶୋବନ୍ତ ସାହୁ ସହଯୋଗ କରିଥିଲେ।

ସେହିପରି ବଅଁରପାଳ ବ୍ଲକ ଜରଡ଼ାସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟଠାରେ ଶକ୍ତି ସଂରକ୍ଷଣ ଦିବସ ପାଳନ ସହ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିନୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶକ୍ତି କ୍ଲବର ଇନ୍‌ଚାର୍ଜ ମଦନ ସୁନ୍ଦର ସାହୁ, ଦୁଷ୍ମନ୍ତ କୁମାର ଦାସ୍, ଅଞ୍ଜନ କୁମାର ଦାସ, ସୁବ୍ରତ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କଟକ ଖେଳାଳିଙ୍କୁ ରେଡ୍‌କାର୍ଡ

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ଖୋଖୋ ଚାମ୍ପିୟନଶିପ୍‌ର ମଙ୍ଗଳବାର ଦ୍ୱିତୀୟ ଦିନ ମ୍ୟାଚରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁରୁଷ ବର୍ଗରେ

## ରାଜ୍ୟସ୍ତରୀୟ ଖୋଖୋ ଚାମ୍ପିୟନଶିପ୍

କଟକ ଓ ଗଜପତି ମଧ୍ୟରେ ମ୍ୟାଚରେ କଟକ ଦଳର ଚେଜ୍ ବେଳେ ଜର୍ସି ନଂ–୧ ଖେଳାଳି ପଏଣ୍ଟ ଦାବି କରିଥିଲେ। ଏହାକୁ ରେଫରି ଅଗ୍ରାହ୍ୟ କରିବାରୁ ସେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ କିଛି ସମୟ ପାଇଁ ମ୍ୟାଚ ବନ୍ଦ ରହିଥିଲା। ପରେ ରେଫରି ସମ୍ପୃକ୍ତ ଖେଳାଳିଙ୍କୁ ରେଡ୍‌କାର୍ଡ ଦେଇଥିବା ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ ସୂଚନା ଦେଇଛନ୍ତି। ଦ୍ୱିତୀୟ ଦିନରେ ମହିଳା ବର୍ଗରେ ୧୩ଟି ଓ ପୁରୁଷ ବର୍ଗରେ ୨୨ଟି ମ୍ୟାଚ ଖେଳାଯାଇଛି। ମହିଳା ବିଭାଗରେ ଅନୁଗୋଳକୁ ହରାଇ କଟକ ବିଜୟୀ ହୋଇଛି। ଭଦ୍ରକକୁ ହରାଇ ବଲାଙ୍ଗୀର, ଖୋର୍ଦ୍ଧାକୁ ହରାଇ ଜଗତସିଂହପୁର, କେନ୍ଦ୍ରାପଡ଼ାକୁ ହରାଇ ପୁରୀ, ସମ୍ବଲପୁରକୁ ହରାଇ ଗଞ୍ଜାମ, ଝାଡ଼ସୁଗୁଡ଼ାକୁ ହରାଇ କନ୍ଧମାଳ, କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ହରାଇ ଖୋର୍ଦ୍ଧା, କେନ୍ଦ୍ରାପଡ଼ାକୁ ହରାଇ ଭୁବନେଶ୍ୱର, ଅନୁଗୋଳକୁ ହରାଇ କିଟ୍, ଭଦ୍ରକକୁ ହରାଇ ବାଲେଶ୍ୱର, କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ହରାଇ ସୁନ୍ଦରଗଡ଼, ଭୁବନେଶ୍ୱରକୁ ହରାଇ କେନ୍ଦୁଝର, କଟକକୁ ହରାଇ ଗଞ୍ଜାମ ବିଜୟୀ ହୋଇଛି। ପୁରୁଷ ବିଭାଗରେ କେନ୍ଦ୍ରାପଡ଼ାକୁ ହରାଇ ଢେଙ୍କାନାଳ, ଖୋର୍ଦ୍ଧାକୁ ହରାଇ ସୁନ୍ଦରଗଡ଼, ବୌଦ୍ଧକୁ ହରାଇ ଗଜପତି, ସମ୍ବଲପୁରକୁ ହରାଇ ଜଗତସିଂହପୁର, ଝାରସୁଗୁଡ଼ାକୁ ହରାଇ କେନ୍ଦୁଝର, କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ହରାଇ ନୟାଗଡ଼, ବଲାଙ୍ଗୀରକୁ ହରାଇ ଗଞ୍ଜାମ, ଭୁବନେଶ୍ୱରକୁ ହରାଇ ଯାଜପୁର, ଅନୁଗୋଳକୁ ହରାଇ କଟକ, ଭଦ୍ରକକୁ ହରାଇ ପୁରୀ, ବୌଦ୍ଧକୁ ହରାଇ ଝାଡ଼ସୁଗୁଡ଼ା, କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ହରାଇ ସମ୍ବଲପୁର, କେନ୍ଦ୍ରାପଡ଼ାକୁ ହରାଇ ବାଲେଶ୍ୱର, ଖୋର୍ଦ୍ଧାକୁ ହରାଇ କିଟ୍, କେନ୍ଦୁଝରକୁ ହରାଇ ଗଜପତି, ନୟାଗଡ଼ାକୁ ହରାଇ ଜଗତସିଂହପୁର, ଝାଡ଼ସୁଗୁଡ଼ାକୁ ହରାଇ ଅନୁଗୋଳ, କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ହରାଇ ଭଦ୍ରକ, ଯାଜପୁରକୁ ହରାଇ ସୁନ୍ଦରଗଡ଼, ଗଜପତିକୁ ହରାଇ କଟକ ବିଜୟୀ ହୋଇଛି। ଢେଙ୍କାନାଳ ଓ ଗଞ୍ଜାମ ଏବଂ ପୁରୀ ଓ ଜଗତସିଂହପୁର ମଧ୍ୟରେ ମ୍ୟାଚ ଟାଏ ହୋଇଛି।


ଦ୍ୱିତୀୟ ଦିନ ଖେଳର ଏକ ଦୃଶ୍ୟ।

## ସ୍ୱାଧୀନତା ସଂଗ୍ରାମୀ ଟ୍ରଷ୍ଟ ପକ୍ଷରୁ ଶୋକ

**କଣିହାଁ,୧୪।୧୨(ଡି.ଏନ.ଏ.)**

ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍ ବିପିନ ରାୱତଙ୍କ ସହ ମୋଟ୍ ୧୩ଜଣଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ସଭାପତି ନୃସିଂହ ବରାଳ, ରଞ୍ଜନ ସାହୁ, ସମ୍ପାଦକ ନିର୍ମଳ ସାହୁ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ମୃତକଙ୍କ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ସମବେଦନା ଜଣାଯାଇଥିଲା।

